# NATIONAL NEWS BULLETIN (ODIA)

## 22 November - 2024

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସମସ୍ତ ନାଗରିକ ନେସନ ଫାଷ୍ଟ ଆଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ ବୋଲି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଭୋଟ୍‌ଗଣତି ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ।

- ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଗିରଫ ପରଓ୍ୱାନା ଜାରି ନେଇ ଆଇସିସିର ନିଷ୍ପତ୍ତିକୁ ଆମେରିକା ରାଷ୍ଟ୍ରପତିଙ୍କ ବିରୋଧ ।

- ଛତିଶଗଡରେ ସୁରକ୍ଷାବାହିନୀ ସହ ଗୁଳିବିନିମୟରେ ୧୦ ମାଓବାଦୀ ନିହତ ।

ଏବଂ

- ବର୍ଡ଼ର ଗାଭାସ୍କର ଟ୍ରଫିର ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ଭାରତର ବ୍ୟାଟିଂ ବିପର୍ଯ୍ୟୟ ।

---

## ପ୍ରେସିଡେଣ୍ଟ ହାଇଦ୍ରାବାଦ

ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସମସ୍ତ ନାଗରିକ ନେସନ ଫାଷ୍ଟ ଆଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆଜି ହାଇଦ୍ରାବାଦରେ ଲୋକମନ୍ଥନ ମହୋତ୍ସବର ଚତୁର୍ଥ ସଂସ୍କରଣକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି ଅନେକ କ୍ଷେତ୍ରରେ ବିଭିଧତା ସତ୍ତ୍ୱେ ଦେଶକୁ ଏକଜୁଟ ରଖିବା ପାଇଁ ଭାରତୀୟ ସଂସ୍କୃତି, ଭାଷା, ପରମ୍ପରା ଏବଂ ଜ୍ଞାନକୁ ପୁର୍ନଜୀବିତ କରିବାର ଆବଶ୍ୟକତ ରହିଛି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଦାସତ୍ୱ ମାନସିକତା ବଦଳିଲେ ସାମାଜିକ ବୈଷମ୍ୟ ଦୂର ହୋଇପାରିବ । ସେ କହିଛନ୍ତି ନୂଆ ଅପରାଧିକ ଆଇନ୍ ପ୍ରଣୟନ ଏବଂ ଲେଡି ଜଷ୍ଟିସ ପ୍ରତିମୂର୍ତ୍ତିର ଆଖିରୁ କଳାପଟି ହଟାଇବା ଭଳି ପଦକ୍ଷେପ ସାମାଜିକ ବୈଷମ୍ୟ ଦୂର କରିବାରେ ସହାୟକ ହେବ । ଏହି କାର୍ଯ୍ୟକ୍ରମରେ ତେଲେଙ୍ଗାନା ରାଜ୍ୟପାଳ ଜିଷ୍ଣୁ ଦେବବର୍ମା, କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପରିଚାଳକ ମୋହନ ଭାଗବତ ପ୍ରମୁଖ ଉପସ୍ଥିତ ଥିଲେ ।

---

## ଏସ୍‌ସି-ଜ୍ଞାନବ୍ୟାପୀ

ଜ୍ଞାନବ୍ୟାପୀ ମାମଲାରେ ଆଜି ସୁପ୍ରିମକୋର୍ଟ ଏଏସ୍‌ଆଇ ସର୍ଭେ ପାଇଁ ଦାୟର ମାମଲାରେ ମସ୍‌ଜିଦ୍ କମିଟିଠାରୁ ଜବାବ ମାଗିଛନ୍ତି । ହିନ୍ଦୁ ଉପାସକମାନେ ମସ୍‌ଜିଦ୍‌ର ସିଲ୍ ହୋଇଥିବା ଉଜ୍‌ଖାନାର ସର୍ଭେ ନିମନ୍ତେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ସେହି ସ୍ଥାନରେ ଶିବଲିଙ୍ଗ ରହିଥିବା ଦାବି କରାଯାଉଥିଲା । ସୁପ୍ରିମକୋର୍ଟ ଆବେଦନକୁ ବିଚାରକୁ ନେଇ ମସ୍‌ଜିଦ୍ କମିଟିଠାରୁ ଜବାବ ଲୋଡିଛନ୍ତି । ୨୦୨୩ରେ

ସୁପ୍ରିମକୋର୍ଟ ଏଏସ୍ଆଇ ସର୍ଭେ ପାଇଁ ଅନୁମତି ଦେଇଥିଲେ । ତେବେ ସେହି ସମୟରେ ଉଜ୍ଖାନା ସର୍ଭେ ପାଇଁ ଅନୁମତି ଦିଆଯାଇନଥିଲା ।

## ଝାଡ଼ଖଣ୍ଡ କାଉଣ୍ଟିଙ୍ଗ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ୍ଗଣତି ହେବ । ଏଥିପାଇଁ ସମସ୍ତ ବ୍ୟବସ୍ଥା ଚୂଡାନ୍ତ ହୋଇଛି । ଗଣତି ପ୍ରକ୍ରିୟାକୁ ସ୍ୱଚ୍ଛ ଏବଂ ସୁରକ୍ଷିତ କରିବା ଲାଗି ନିର୍ବାଚନ ଆୟୋଗ ଏବଂ ଜିଲ୍ଲା ଅଧିକାରୀମାନେ ସମସ୍ତ ବ୍ୟବସ୍ଥା କରିଛନ୍ତି । ଜାମସେଦପୁରଠାରେ ବରିଷ୍ଠ ଆରକ୍ଷୀ ଅଧିକ୍ଷକ କିଶୋର କୌଶଲ ଆକାଶବାଣୀ ସମ୍ବାଦ ବିଭାଗକୁ କହିଛନ୍ତି ଷ୍ଟ୍ରଙ୍ଗରୁମ୍ ଚାରିପଟେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସେଥିରେ ଇଭିଏମ୍ଗୁଡ଼ିକୁ ସୁରକ୍ଷିତ ଭାବେ ରଖାଯାଇଛି । ସମ୍ପୂର୍ଣ୍ଣ ଗଣତି କେନ୍ଦ୍ର ଏବଂ ଷ୍ଟ୍ରଙ୍ଗରୁମ୍କୁ ସିସିଟିଭି ନଜରରେ ରଖାଯାଇଛି । ଝାଡ଼ଖଣ୍ଡର ସମସ୍ତ ୨୪ଟି ଜିଲ୍ଲା ସଦର ମହକୁମାରେ ଭୋଟ୍ଗଣତି କେନ୍ଦ୍ର ଖୋଲାଯାଇଥିବା ଜଣାପଡିଛି ।

ତେବେ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗରେ ଯମତାରା ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଇରଫାନ ଅନ୍ସାରୀଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଏତଲା ଦାୟର କରାଯାଇଥିବା କୁହାଯାଇଛି । ଯମତାରାରୁ ନିର୍ବାଚନ ଲଢୁଥିବା ବିଜେପି ପ୍ରାର୍ଥୀ ସୀତା ସୋରେନଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେବା ଅଭିଯୋଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଆଇସିସି ୱାର୍ଲ୍ଡ ଲିଡର୍ସ

ଆନ୍ତର୍ଜାତିକ ଅପରାଧିକ ଅଦାଲତ ଆଇସିସି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସମେତ ଅନ୍ୟ କେତେଜଣ ନେତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବା ଘଟଣାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ନିନ୍ଦା କରିଛନ୍ତି । ବାଇଡେନ କହିଛନ୍ତି ଆଇସିସି ଯାହା କହିବାକୁ ଚାହୁଁଛି ତାହା ଇସ୍ରାଏଲ କ୍ଷେତ୍ରରେ ଆଦୌ ପ୍ରଯୁଜ୍ୟ ନୁହେଁ । ସେ କହିଛନ୍ତି ଇସ୍ରାଏଲର ସୁରକ୍ଷା ପ୍ରତି ଆମେରିକା ସଚେତନ ରହିଛି ଏବଂ ବିପଦ ଦେଖାଦେଲେ ଆମେରିକା ଇସ୍ରାଏଲ ସହ ଛିଡାହେବ ବୋଲି ସେ କହିଛନ୍ତି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ଆଇସିସିର ଏହି ନିଷ୍ପତ୍ତିକୁ ମଧ୍ୟ ନିନ୍ଦା କରିଛନ୍ତି । ସେ କହିଛନ୍ତି ଆଇସିସି ଜାଣିଶୁଣି ସାଧାରଣ ନାଗରିକଙ୍କୁ ଇସ୍ରାଏଲ ଟାର୍ଗେଟ କରୁଥିବା ଅଭିଯୋଗ କରୁଛି । ଉଭୟ ଇସ୍ରାଏଲ ଏବଂ ହମାସ୍ ଆଇସିସିର ଅଭିଯୋଗକୁ ଖଣ୍ଡନ କରିଛନ୍ତି । ତେବେ ଫ୍ରାନ୍ସ ଏବଂ ନରୱେ ଆଇସିସିର ପଦକ୍ଷେପକୁ ସମର୍ଥନ କରିଛନ୍ତି ।

ସୂଚନାଯୋଗ୍ୟ ଏହାପୂର୍ବରୁ ଆଇସିସି, ଇସ୍ରାଏଲ ପ୍ରଧାନମନ୍ତ୍ରୀ, ପୂର୍ବତନ ପ୍ରତିରକ୍ଷା ମୁଖ୍ୟ ଏବଂ ହମାସ୍‌ର ଜଣେ ନେତାଙ୍କ ବିରୋଧରେ ଯୁଦ୍ଧ ଅପରାଦ ଲାଗି ଗିରଫ ପରୱାନା ଜାରି କରିଥିଲା ।

## ରାଜନାଥ-ଲାଓସ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜି ତାଙ୍କ ଜାପାନୀ ପ୍ରତିପକ୍ଷ ଜେନେରାଲ ନିକା ତାନିଙ୍କ ସହ ଭିଏଣ୍ଟିଆନେଠାରେ ସାକ୍ଷାତ୍ କରିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହ କହିଛନ୍ତି ଜାପାନ ପ୍ରତିରକ୍ଷାମନ୍ତ୍ରୀଙ୍କ ସହ ସାକ୍ଷାତ୍ ଆଲୋଚନା ହୋଇଛି ଏବଂ ନିୟମ ଅନୁଯାୟୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ମୁକ୍ତ ରଖିବା କ୍ଷେତ୍ରରେ ଉଭୟ ଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ସମ୍ମତି ପ୍ରକାଶ କରିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂହ ଫିଲିପାଇନ୍ସର ପ୍ରତିରକ୍ଷା ସଚିବ ଗିଲବଟୋ ଟିଓଡୋରୋଙ୍କୁ ମଧ୍ୟ ସାକ୍ଷାତ୍ କରିଛନ୍ତି । ଶ୍ରୀ ସିଂହ କହିଛନ୍ତି ଫିଲିପାଇନ୍ସ ଭାରତର ଆକ୍ଟ ଇଷ୍ଟ ପଲିସି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ଆଗାମୀ ଦିନରେ ଫିଲିପାଇନ୍ସ ସହ ପ୍ରତିରକ୍ଷା ସହଯୋଗ ଆହୁରି ଦୃଢ଼ ହେବ ବୋଲି ସେ ଆଶାପୋଷଣ କରିଛନ୍ତି ।

---

## ଛତିଶଗଡ ମାଓଇଷ୍ଟ କିଲ୍ଡ

ଛତିଶଗଡରେ ଆଜି ସୁରକ୍ଷାବାହିନୀ ସହ ଗୁଳି ବିନିମୟରେ ୧୦ଜଣ ମାଓବାଦୀ ନିହତ ହୋଇଛନ୍ତି । ସୁକୁମା ଜିଲ୍ଲାର କୋଣ୍ଟା ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ସୂଚନା ମିଳିବା ପରେ ସିଆର୍‌ପିଏଫ୍ ଏବଂ ଜିଲ୍ଲା ରିଜର୍ଭ ଗାର୍ଡ-ଡିଆର୍‌ଜିର ମିଳିତ ଟିମ୍ ତଲାସୀ ଅଭିଯାନ ଆରମ୍ଭ କରିଥିଲେ । ତଲାସୀ ସମୟରେ ଭେଜି ଅଞ୍ଚଳର ଜଙ୍ଗଲ ଓ ପାହାଡ଼ ନିକଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ସୁରକ୍ଷାବାହିନୀ ଇତିମଧ୍ୟରେ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଛି । ଘଟଣାସ୍ଥଳରୁ ଗୋଟିଏ ଏକେ-୪୭ ଏବଂ ସ୍ୱୟଂଚାଳିତ ରାଇଫଲ ଉଦ୍ଧାର କରାଯାଇଛି । ସଂପୃକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଥିବା ସୂଚନା ମିଳିଛି ।

---

# କପ୍୨୦-ଇଣ୍ଡିଆ ଷ୍ଟେଟମେଣ୍ଟ

ଅଜରବାଇଜନର ବାକୁଠାରେ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ପୂର୍ଣ୍ଣାଙ୍ଗ ବୈଠକରେ ଭାରତ ଅସନ୍ତୋଷ ପ୍ରକାଶ କରିଛି । ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ କେବଳ ପ୍ରଶମନ ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଭାରତ ଅସନ୍ତୋଷ ପ୍ରକାଶ କରିଥିବା କୁହାଯାଇଛି । କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୀ ପରିବର୍ତ୍ତନ ମନ୍ତ୍ରଣାଳୟ କହିଛି, ସମଭାବି ବିକାଶଶୀଳ ଦେଶ ତରଫରୁ ବୋଲିଭିୟା ଦେଇଥିବା ବୟାନକୁ ଭାରତ ସମର୍ଥନ କରୁଛି । ଜଳବାୟୁ ପରିବର୍ତ୍ତନ ବିରୋଧରେ ନିଆଯାଉଥିବା ପଦକ୍ଷେପ ଜାତିସଂଘ ଫ୍ରେମ୍ ୱାର୍କ କନ୍‌ଭେନସନ ଏବଂ ପ୍ୟାରିସ୍ ଚୁକ୍ତି ଦ୍ୱାରା ପରିଚାଳିତ ହେବା ଆବଶ୍ୟକ ବୋଲି ଭାରତ କହିଛି ।

ଜଳବାୟୁ ପରିବର୍ତ୍ତନ ବିରୋଧୀ ଲଢ଼େଇରେ ଭାରତ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଜର ଆଭିମୁଖ୍ୟ ଉପସ୍ଥାପନ କରିଛି । ସେଗୁଡ଼ିକ ହେଉଛି ଜଳବାୟୁ ଆର୍ଥିକ ବ୍ୟବସ୍ଥା, ପ୍ରଶମନ କାର୍ଯ୍ୟକ୍ରମ, ଜଷ୍ଟ ଟ୍ରାନ୍‌ଜିସନ, ଗ୍ଲୋବାଲ ଷ୍ଟକଟେକ ଏବଂ ଗ୍ରହଣୀୟତା ।

# ନାଭି ଫିସିଙ୍ଗ ଭେସଲ

ଗୋଆ ନିକଟରେ ଭାରତୀୟ ମାଛଧରା ଜାହାଜ ମାର୍ଥୋମା ଏବଂ ନୌସେନା ବୁଡ଼ାଜାହାଜ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ମାଛଧରା ଜାହାଜରେ ୧୩ଜଣ ଭାରତୀୟ ଥିଲେ । ତେବେ ସମସ୍ତଙ୍କୁ ଉଦ୍ଧାର କରିବା ଲାଗି ନୌସେନା ପକ୍ଷରୁ ତୁରନ୍ତ ୬ଟି ଜାହାଜ ଏବଂ ବିମାନ ଜରିଆରେ

ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୧୧ଜଣ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ଦୁଇଜଣଙ୍କୁ ଉଦ୍ଧାର କରିବା ଲାଗି ପ୍ରୟାସ ଜାରି ରହିଛି । ଘଟଣାର କାରଣ ଅନୁସନ୍ଧାନ କରାଯାଉଛି ବୋଲି ନୌସେନା ସୂଚନା ଦେଇଛି ।

## ଆଫଗାନିସ୍ତାନ ଆର୍ଥକ୍ୱେକ

ଆଫଗାନିସ୍ଥାନର ବଦାଖସାନ ଅଞ୍ଚଳରେ ଆଜି ସକାଳେ ୪ ଦଶମିକ ୪ ତୀବ୍ରତା ବିଶିଷ୍ଟ ଭୂ-କମ୍ପ ଅନୁଭୂତ ହୋଇଛି । ଜାତୀୟ ଭୂକମ୍ପ କେନ୍ଦ୍ର ସୂଚନା ଅନୁଯାୟୀ ଭାରତୀୟ ସମୟ ସକାଳ ୬ଟା ୩୫ ମିନିଟ୍‌ରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ୮୨ କିଲୋମିଟର ଗଭୀରତାରେ ରହିଥିବା ଜଣାପଡିଥିଲା । ତେବେ ଏଥିରେ କୌଣସି କ୍ଷୟକ୍ଷତି ହେବା ନେଇ ଖବର ମିଳିନାହିଁ । ସୂଚନାଯୋଗ୍ୟ ଚଳିତ ସପ୍ତାହରେ ସେହି ଅଞ୍ଚଳରେ ଦୁଇଥର ଭୂମିକମ୍ପ ଅନୁଭୂତ ହୋଇସାରିଛି । ପ୍ରଥମଥର ୪ ଦଶମିକ ୪ ଏବଂ ଦ୍ୱିତୀୟ ଥର ୩ ଦଶମିକ ୩ ତୀବ୍ରତା ରହିଥିବା ରେକର୍ଡ କରାଯାଇଥିଲା ।

## ଶ୍ରୀଲଙ୍କା କ୍ୟାବିନେଟ୍

ଶ୍ରୀଲଙ୍କାରେ ନୂଆ କ୍ୟାବିନେଟ୍ ଗଠନ ହେବାର କିଛିଦିନ ପରେ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଶାସକ ନ୍ୟାସନାଲ ପିପୁଲ୍ସ ପାୱାର ଦଳର ୨୯ଜଣଙ୍କୁ ଉପମନ୍ତ୍ରୀ ଭାବେ ନିଯୁକ୍ତ କରିଛନ୍ତି । ପୂର୍ବରୁ ଗତ ସୋମବାର ଦିନ ୨୧ଜଣିଆ କ୍ୟାବିନେଟ୍‌କୁ ରାଷ୍ଟ୍ରପତି ଶପଥପାଠ କରାଇଥିଲେ । ସେଠାକାର ସାମ୍ବିଧାନିକ ନିୟମ ଅନୁଯାୟୀ ୩୦ଜଣ କ୍ୟାବିନେଟ୍ ମନ୍ତ୍ରୀ ଏବଂ ୪୦ଜଣ ଉପମନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇପାରିବ । ଶପଥଗ୍ରହଣ

କରିଥିବା ନେତାମାନଙ୍କ ମଧ୍ୟରେ ଅନୀଲ ଜୟନ୍ତ ଫର୍ଣ୍ଣାଣ୍ଡୋ, ହର୍ଷନା ସୂର୍ଯ୍ୟ ପେରୁମା ନମାଲ କରୁଣାରତ୍ନେ, ମହମ୍ମଦ ମୁନିର ଏବଂ ନଳିନୀ ହେୱାଗେ ପ୍ରମୁଖ ଅଛନ୍ତି ।

# କ୍ରିକେଟ୍

କ୍ରିକେଟ୍‌ରେ ଆଜିଠାରୁ ଭାରତ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡ଼ର ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟ ମ୍ୟାଚ୍ ପର୍ଥର ଅପ୍‌ଟସ୍ ଷ୍ଟାଡିୟମ୍‌ରେ ଚାଲିଛି । ସକାଳୁ ଭାରତ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ପ୍ରଥମ ଇନିଂସ୍‌ରେ ୧୫୦ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଖବର ପ୍ରସ୍ତୁତି ହେଲାବେଳକୁ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ୧୦ ଓଭର ଖେଳି ୩ ୱିକେଟ୍ ହରାଇ ୩୦ ରନ୍ ସଂଗ୍ରହ କରିଛି ।

ଭାରତୀୟ ଅଧିନାୟକ ରୋହିତ ଶର୍ମା ବ୍ୟକ୍ତିଗତ କାରଣରୁ ପ୍ରଥମ ଟେଷ୍ଟ ଖେଳୁନଥିବା ବେଳେ, ତାଙ୍କ ଅନୁପସ୍ଥିତିରେ ଯଶପ୍ରୀତ ବୁମରା ଅଧିନାୟକ ଦାୟିତ୍ୱ ତୁଲାଉଛନ୍ତି । ଅନ୍ୟ ପକ୍ଷରେ ବ୍ୟାଟସ୍‌ମ୍ୟାନ୍ ଶୁଭମନ ଗିଲ୍ ଆଘାତ କାରଣରୁ ପ୍ରଥମ ମ୍ୟାଚ୍ ଖେଳୁନାହାନ୍ତି । ରବିବାର ଦିନ ରୋହିତ ଶର୍ମା ଅଷ୍ଟ୍ରେଲିଆରେ ପହଞ୍ଚିବେ ଏବଂ ଦ୍ୱିତୀୟ ଟେଷ୍ଟରେ ଖେଳିବେ ବୋଲି ଜଣାପଡ଼ିଛି । ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ଦଳ ୫ଟି ଟେଷ୍ଟ ମ୍ୟାଚ୍ ଖେଳିବ ।